# Akashvani, Sambalpur

## SAMBALPURI NEWS EVENING BULLETIN

## 13 January 2026 - 7.02 pm- 7.12 pm.

*********************************************

୧- କେନ୍ଦୁଝର୍ ଜିଲ୍ଲାନ ୧୯ ଶହ କୋଟିନୁ ଅଏତ୍କା ଟଙ୍କାର ୭୧ ଟା ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୨- ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ବହୁମୁଖୀ ଯୋଜ୍‌ନା ଆଉ ଅଭିଯାନ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ।

- ‘ଆମେ ପଢ୍‌ମା ଆମର୍ ଭାଷାଥି’ କାର୍ଯ୍ୟକ୍ରମ୍‌ର ହେଲା ଶୁଭାରମ୍ଭ ।

୩- ଆଏବା ୧୮ ତାରିଖ୍ ହିତାଧିକାରୀଙ୍କୁ ଦିଆଯିବା ସୁଭଦ୍ରା ସାହାଜ୍ ଟଙ୍କା ।

ଆଉର୍

୪- ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନ୍‌କେ ନେଇକରି ରାଜ୍ୟ ନିର୍ବାଚନ୍ ଆୟୁକ୍ତଙ୍କର୍ ଅଧ୍ୟକ୍ଷତାଥି ସମ୍ବଲ୍‌ପୁର୍ ନ ହେଲା ବୈଠକ୍ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍          ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଜିଲ୍ଲାର୍ ବିକାଶ୍ ଲାଗି ୧୯ ଶହ କୋଟିନୁ ଅଏତ୍କା ଟଙ୍କାର ୭୧ ଟା ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ଇତାର୍ ଭିତ୍ରେ କେନ୍ଦୁଝର୍ ନ ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି ନିର୍ମାଣ୍, ଜଲ୍ସେଚନ୍, ପର୍ଯ୍ୟଟନ୍ର ବିକାଶ୍ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପ ରହିଛେ । ଇ ଅବ୍ସରେ କେନ୍ଦୁଝର୍ ଧରଣୀଧର୍ ବିଶ୍ୱବିଦ୍ୟାଳୟ ପଡ଼ିଆ ନ ହେଇଥିବା କାର୍ଯ୍ୟକ୍ରମ୍ଥି ଉଦ୍ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶା ନ ଆଂଚଲିକ୍ ବୈଷମ୍ୟ ଦୂର୍ ହେବାର୍ ସହେତେ ରାଜ୍ୟର୍ ଫି' ଇଲାକା ବିକଶିତ୍ ହେବା । ଫି' ଜିଲ୍ଲା ନ ଶିଳ୍ପାୟନ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାର୍ଡ଼ସ୍ ଅଫ୍ କେନ୍ଦୁଝର୍ ନାଁଥି ଗୁଟେ ବହି ଉନ୍ମୋଚନ୍ କର୍ବାର୍ ସହେତେ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳାମାନ୍କୁ ସାହାଜ୍ ଟଙ୍କା ବାଂଟିଛନ୍ ।

ବାଲ୍ୟବିବାହ- ପ୍ରଭାତୀ ପରିଡ଼ା          ଆଇ.ଆଣ୍ଡ୍.ପି.ଆର୍

ମହିଳା ସଶକ୍ତିକରଣ୍ ହେଉଛେ ବିକଶିତ୍ ଓଡ଼ିଶାର୍ ଚାବିକାଠି ଆନ୍ । ମହିଳା ଆଉ ଛୁଆମାନ୍କୁ ସୁରକ୍ଷିତ୍, ସମାନ୍ ଆଉ ସମ୍ମାନ୍ଜନକ୍ ପରିବେଶ୍ ଯୁଗେଇ ଦେବାର୍ଟା ରାଜ୍ୟ

ସର୍କାର୍ଙ୍କର୍ ପ୍ରାଥମିକତା ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍ନେଶ୍ୱର୍ ଲୋକସେବା ଭବନ ନ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ର ବହୁମୁଖୀ ଯୋଜ୍ନା ଆଉ ଅଭିଯାନ୍ର ଶୁଭାରମ୍ଭ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମାତୃଭାଷା ଆଧାରିତ୍ ପ୍ରାରମ୍ଭିକ୍ ଶିକ୍ଷା, ବାଲ୍ୟବିବାହ ରୁକ୍ବାର୍, କିଶୋରୀ ସ୍ୱାସ୍ଥ୍ୟ ଆଉ ସାମାଜିକ୍ ସୁରକ୍ଷା କ୍ଷେତ୍ରଥି ବିଭାଗ୍ ମାନ୍କର୍ ଭିତ୍ରେ ତାଲ୍ମେଲ୍ ଆଉ ଯୋଜ୍ନାମାନ୍କୁ ତଲ୍ସ୍ତର୍ ନ କାର୍ଯ୍ୟକାରୀ କର୍ବାର୍ ଉପ୍ରେ ଜୋର୍ ଦେଇଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଜ୍ୟସ୍ତରୀୟ ଶହେ ଦିନିଆ ବାଲ୍ୟବିବାହ ମୁକ୍ତ ଅଭିଯାନ୍ର ଶୁଭାରମ୍ଭ କରିଛନ୍ । ଇତାର୍ ସହେତେ 'ଆମେ ପଢ଼୍ମା ଆମର୍ ଭାଷାଥି' କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରିଛନ୍ । ଇତାର୍ ଜରିଏ ୨୧ ଟା ଜନଜାତୀୟ ଭାଷାଥି ଅଙ୍ଗନବାଡ଼ି ମାନ୍କେ ଛୁଆମାନ୍କୁ ପାଠ୍ ପଢ଼ାଯିବା । ସେନ୍ତା କିଶୋରୀ ଗର୍ଭଧାରଣ୍ ରୁକ୍ବାର୍ ଆର୍ କିଶୋରୀ ମା' ମାନ୍କର୍ ସାହାଜ୍ ଲାଗି ପାଇଲଟ୍ ପ୍ରକଳ୍ପ, କନ୍ଧମାଲ୍ ଆଉ ବୌଦ୍ଧ ଜିଲ୍ଲା ନ ଆଇସିଡିଏସ୍ କର୍ମଚାରୀଙ୍କର୍ ଆବାସିକ୍ ଘର୍, ବର୍ଗଡ୍ ଜିଲ୍ଲାର୍ ବର୍ଗଡ୍ ଆର୍ ବର୍ପାଲି ନ ମହିଲା ଆଉ ଶିଶୁ ପ୍ରତିଷ୍ଠାନ୍ ଭବନ୍ର ଉପମୁଖ୍ୟମନ୍ତ୍ରୀ ଉଦ୍ଘାଟନ୍ କରିଛନ୍ ।

ସୁଭଦ୍ରା ମେଳା ଭୁବନେଶ୍ୱର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏବା ୧୮ ତାରିଖ୍ ରଏବାର୍ ଦିନ ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପ୍‌ଥି ୪ ଲାଖ୍ ୫୭ ହଜାର୍ ୬ ଶହ ୮୧ ଝନ୍ ହିତାଧିକାରୀଙ୍କୁ ୨ ଶହ ୫୦ କୋଟି ଟଙ୍କାର୍ ସାହାଜ୍ ଦିଆଯିବା । ଇତାର୍‌ଭିତ୍‌ରେ ଲାଖେ ୭୮ ହଜାର୍ ୩ ଶହ ୯୮ ଝନ୍ ନୂଆଁ ହିତାଧିକାରୀ ରହିଛନ୍ । ସେନ୍ତା ପହେଲା ଆଉ ଦୁଇ ନମ୍ବର୍ କିସ୍ତିନୁ ବାଦ୍ ପଡ଼ିଥିବା ୨ ଲାଖ୍ ୫୫ ହଜାର୍ ୨ ଶହ ୬୫ ଝନ୍‌କୁ ଭିଲ୍ ଇ ଖେପେ ଏକାସାଙ୍ଗେ ସାହାଜ୍ ଟଙ୍କା ମିଲ୍‌ବା । ଇତାର୍‌ସହେତେ ଅଭିଯୋଗ୍ ଶୁଣାଣି ଜରିଏ ୨୪ ହଜାର୍ ୧୮ ଝନ୍ ନୂଆଁ ହିତାଧିକାରୀଙ୍କୁ ଯୋଜ୍‌ନାଥି ସାମିଲ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ନିଶାମୁକ୍ତ କେମ୍ପସ୍ ଅଭିଯାନ୍ ପି.ଆଇ.ବି.

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସର୍ ନ ନିଶାମୁକ୍ତ କେମ୍ପସ୍ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଉପ ରାଷ୍ଟ୍ରପତି ସ୍ୱତନ୍ତ୍ର ଇ ଶପଥ ପ୍ଲାଟ୍‌ଫର୍ମ ଆଉ

ମୋବାଇଲ୍ ଆପ୍‌ର ଭିଲ୍ ଉନ୍ମୋଚନ୍ କରିକରି ନିଶାମୁକ୍ତ, ସୁସ୍ଥ ଆଉ ସଶକ୍ତ ଭାରତ୍ ନିର୍ମାଣ୍‌ଥି ଅଗ୍ରଣୀ ଭୂମିକା ନେବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସମାରୋହଥି ଶ୍ରୀ ପ୍ରଧାନ୍ ଦେଶର୍ ଭବିଷ୍ୟତ୍ ଆଉ ଦକ୍ଷ ନାଗରିକ୍ ଗଠନ୍ ଦିଗେ ନିଶା ଗୁଟେ ବଡ଼ ବିପଦ୍ ଆଏ ବଲି କହିଛନ୍ ।

ଏସ୍‌ଆଇଆର୍- ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ଆଏଜ୍ ସମ୍ବଲ୍‌ପୁର୍ ଉତରାଂଚଲ୍ ରାଜସ୍ୱ ଆୟୁକ୍ତଙ୍କର୍ କାର୍ଯ୍ୟାଲୟ ନ ରାଜ୍ୟ ନିର୍ବାଚନ୍ ଆୟୁକ୍ତ ମଧୁସୂଦନ୍ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସମ୍ବଲ୍‌ପୁର୍ ଡିଭିଜନ୍ ସ୍ତରୀୟ ଜିଲ୍ଲାପାଳ୍‌ମାନ୍‌କର୍ ଗୁଟେ ସମ୍ମିଲନୀ ହେଇଯାଇଛେ । ସମ୍ମିଲନୀଥି ଓଡ଼ିଶା ନ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ ଆଇନ୍ - ଏସ୍‌ଆଇଆର୍ ଲାଗୁ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀ ପାଢ଼ୀ କହିଛନ୍, ଏସ୍‌ଆଇଆର୍ ଲାଗୁ କରାଯିବାର୍ ଆଘୋନୁ ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ବୁଥ୍ ସଂଖ୍ୟା ୭ ହଜାର୍ ବଢ଼ାଯାଇଛେ । ରାଏଜେ ୩୬ ହଜାର୍ ମତଦାନ୍ କେନ୍ଦ୍ର ଥିଲା ବେଲେ ଇହାଦେ ଇଟା ୪୩ ହଜାର୍‌କେ ବଢ଼ାଯାଇଛେ ବଲି ଶ୍ରୀ ପାଢ଼ୀ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ମଧୁସୂଦନ୍ ପାଢ଼ୀ)

ବୈଠକ୍‌ଥି ଉତରାଂଚଲ ରେଞ୍ଜ୍ର ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍, ଅତିରିକ୍ତ ଜିଲ୍ଲାପାଲ୍ ଆଉ ଉପଜିଲ୍ଲାପାଲ୍ ଉପସ୍ଥିତ୍ ଥିଲେ ।

ଜଣ୍ଡିସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବିଦ୍ୟାଳୟମାନ୍‌କେ ଜଣ୍ଡିସ୍ ରୋଗ୍ ନିରାକରଣ୍ ଲାଗି ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ସତର୍କ ରହେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇହାଦେ ଖୋର୍ଦ୍ଧା ଜିଲ୍ଲା ନ ଗୁଟେ ବିଦ୍ୟାଳୟ ନ ଜଣ୍ଡିସ୍ ହେଇଥିବା ଜନାପଡ଼୍‌ବାର୍ ଉତ୍‌ରୁ ସର୍‌କାର୍ ବିଦ୍ୟାଳୟ ମାନ୍‌କୁ ଇ ନିର୍ଦ୍ଦେଶ୍ ଦେଇଛନ୍ । ଦର୍‌କାର୍ ପଡ଼୍‌ଲେ ସ୍ୱାସ୍ଥ୍ୟ ବିଭାଗ୍ ସାହାଜ୍ ଭିଲ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା-ଅନ୍‌ଲାଇନ୍ ହି.ସ.

ଇ ବଛର୍ ଅନ୍‌ଲାଇନ୍ ଜରିଏ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ବ୍ୟବସ୍ଥା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଚିନ୍ତା କରୁଛନ୍ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଅନ୍‌ଲାଇନ୍ ଜରିଏ

ପହେଲା କରି କଳା ବିଭାଗ୍‌ର ଯୁକ୍ତ ଦୁଇ ଖାତା ବ୍ୟବସ୍ଥା ଲାଗି ସର୍‌କାର୍ ପଦକ୍ଷେପ୍ ମୁଲ୍ କରିଛନ୍ । ଇଥିର୍‌ଲାଗି ବଜେଟ୍ ଅନୁମୋଦନ୍ ହେଲେ ପ୍ରକ୍ରିୟା ଆଗ୍‌କେ ବଢ଼୍‌ବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଶ୍ରୀମନ୍ଦିର-ମକର୍ ସଂକ୍ରାନ୍ତି ପୁରୀ ସମ୍ବାଦଦାତା

ମକର୍ ସଂକ୍ରାନ୍ତି ଅବ୍‌ସରେ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ମକର ଚୌରାସି ବେଶ କରାଯିବା । ମହାଲକ୍ଷ୍ମୀ ବାପ୍‌ଘରେ ମାସେ କଟେଇକରି ମକର୍ ସଂକ୍ରାନ୍ତି ଅବ୍‌ସରେ ଶ୍ରୀମନ୍ଦିର୍‌କେ ଫିର୍‌ସନ୍ । ଇ ଅବ୍‌ସରେ ମାହାପୁରୁଙ୍କର୍ ମକର ଚାଉଳ, ମକର ଚୌରାସି ଭୋଗ ଲଗାଯିବା । ସେଆଡ଼େ ଶ୍ରୀମନ୍ଦିର୍ ନ ମାସେ ଧରିକରି ଚାଲିଥିବା ପହିଲି ଭୋଗ ଆଏଜ୍ ଶେଷ୍ ହେଇଛେ ।

ରଥଯାତ୍ରା ପ୍ରସ୍ତୁତି ବୈଠକ୍ ଏକ୍ସ

ପୁରୀ ରଥଯାତ୍ରାକେ ନେଇକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରଥଯାତ୍ରାର୍ ୬ ମାସ୍ ଆଘୋନୁ ସବୁବିଭାଗ୍‌କେ ପ୍ରସ୍ତୁତିର ରିପୋର୍ଟ ଦେବାର୍‌କେ

ନିର୍ଦ୍ଦେଶ୍ ଦିଆଯାଇଛେ । ପିଛ୍ଲା ବଛର୍ ମାନ୍କେ ହେଇଥିବା ଭୁଲ୍ ଠାବ୍ କରିକରି କେନ୍ ରକମ୍ ପଦକ୍ଷେପ୍ ନିଆଯିବା ସେ ବାବ୍ଦେ ବିଭାଗ୍ ମାନେ ରିପୋର୍ଟ ବନାବେ । ରଥଯାତ୍ରା ହେବାର୍ତକ୍ ଫି' ମାସ ଗୁଟେ ଲେଖା ପ୍ରସ୍ତୁତି ବୈଠକ୍ ହେବା ବଲି ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ କହିଛନ୍ । ଆଝିରର୍ ବୈଠକ୍ଥି ଶ୍ରୀମନ୍ଦିର୍ର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ୍ ଦେଓ ଜୟନ୍ତୀ/ଆଇ.ଆଣ୍ଡ୍.ପି.ଆର୍

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍ର ଝନେ ଆଗ୍ଧାଡ଼ିର୍ ନେତା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ୍ ଦେଓଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ୍ ଆଏଜ୍ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ ଦିଗେ ରାଜାରାମଚନ୍ଦ୍ର ମର୍ଦ୍ଦରାଜ୍ ଦେଓଙ୍କର୍ ଅବଦାନ୍ ସବୁଦିନ୍ ସୁର୍ତା ରହେବା ବଲି କହିଛନ୍ । କାର୍ଯ୍ୟକ୍ରମ୍ଥି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଭିଲ୍ ଯୋଗ୍ ଦେଇଥିଲେ ।

ଧାନ୍ ଉତ୍ପାଦନ-ଜାତୀୟ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଉ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ୍ ତରଫୁ ଓଡ଼ିଶା ଖାଦ୍ୟ ବ୍ୟବସ୍ଥାଥି ପୁଷ୍ଟିଯୁକ୍ତ ଧାନ୍ ଉତ୍ପାଦନ୍ ଆଉ ପ୍ରଚାର୍ ପ୍ରସାର୍ ଲାଗି ଭୁବ୍‌ନେଶ୍ୱର୍ ନ ୨ ଦିନିଆ ଜାତୀୟ କର୍ମଶାଳା ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । କର୍ମଶାଳାଥି ଜାତୀୟ ଆଉ ଅନ୍ତର୍ଜାତୀୟ କୃଷି ବୈଜ୍ଞାନିକ୍, ନୀତି ନିର୍ଦ୍ଧାରକ୍, ସର୍‌କାରୀ ଓ ବିହନ୍ ଉତ୍ପାଦନ୍‌କାରୀ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ୍ ଆଉ ଗବେଷଣା ସଂସ୍ଥାମାନେ ଯୋଗ୍ ଦେଇଥିଲେ । ଓଡ଼ିଶା ଆଉ ସାରା ଭାରତ୍ ନ ଜିଙ୍କ୍, ଲୌହସାର, ପୁଷ୍ଟିସାର, କିସମ୍‌ର ଧାନ୍‌କେ ସାଧାରଣ୍ ଲୁକ୍‌କର୍ ବେଭାର୍ ଲାଗି ଭବିଷ୍ୟତ୍ କାର୍ଯ୍ୟପନ୍ଥା ବାବ୍‌ଦେ ଆଲୋଚନା କରିଥିଲେ ।

ସାଧାରଣତନ୍ତ୍ର ଦିବସ୍- ପ୍ରସ୍ତୁତି ବର୍‌ଗଡ଼୍ ସମ୍ବାଦଦାତା

ସାଧାରଣତନ୍ତ୍ର ଦିବସ୍ ପାଲନ୍ ଲାଗି ବର୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତରଫୁ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଲଲାଟ୍ କୁମାର୍ ଲୁହାଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ସୁରୁଖୁରୁଥି ସାଧାରଣ ତନ୍ତ୍ର ଦିବସ୍ ପାଲନ୍ ଲାଗି ଆଲୋଚନା କରିଥିଲେ । ଇ

ବଛର୍ ପହେଲାକରି ସହରର୍ ଗାନ୍ଧୀଛକ୍‌ନୁ ବାନ୍ଦୁଟିକ୍ରା ଛକ୍‌ତକ୍ ରାଜରାସ୍ତା ଉପ୍‌ରେ ପରେଡ୍ କାର୍ଯ୍ୟକ୍ରମ୍ ହେବା । ସବୁ ବ୍ଲକ୍ ଆଉ ପୌରସଂସ୍ଥା ତର୍‌ଫୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ୍ କରାଯିବା ବଲି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ପାଣି ପଂଚାୟତ ପକ୍ଷ                ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଜଲ୍ ସେଚନ୍ ବିଭାଜନ୍ ବିଭାଗ୍ ତର୍‌ଫୁ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ପାଣି ପଂଚାୟତ ପକ୍ଷ ପାଲିତ୍ ହେଇଯାଇଛେ । ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର୍ ସାମଲ୍‌ଙ୍କର୍ ଅଧକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଆକାଂକ୍ଷା ଜିଲ୍ଲା-ସମୀକ୍ଷା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ୍ ବାବଦ୍ ଗୁଟେ ସମୀକ୍ଷା ବୈଠକ୍ କେନ୍ଦ୍ରୀୟ ପ୍ରଭାରୀ ସମର ନନ୍ଦଙ୍କର୍ ଅଧକ୍ଷତାଥି ହେଇଯାଇଛେ । ଇ ଅବ୍‌ସରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ ବାଗିର୍ କ୍ଷେତ୍ରଥି ଜିଲ୍ଲାର୍ ପ୍ରଗତିର୍ ମାନଦଣ୍ଡ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଫେର୍‌ଘାଏ୍ ଶୀତ୍‌ର ପ୍ରଭାବ୍ ବଢ଼ିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ଆଉ ସୁନ୍ଦର୍‌ଗଡ୍, କେନ୍ଦ୍ରାପଡ଼ା ଆଉ ଜଗତ୍‌ସିଂହପୁର୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।